# OFFICE OF *THE URANIUM*, Friends' Colony, Cuttack

From:
**Dr. S. S. Tripathy**,
President, *UTSE Board, The Uranium*
Friends Colony,
Cuttack-753001
(phone- 8018346909 / 9437226340 / 0671-2427385)

*Dt. 25.02.2019*

## ୭/୮/୯ମ ଉତ୍ତୀର୍ଣ୍ଣ ପିଲା ପାଇଁ (Top 80+ of UTSE-2019)

## (CALL LETTER FOR FINAL LEVEL TEST & PRIZE CEREMONY)

To

Name ________________________________________

UTSE-2019 Roll No_________________ / CLASS _________

5th April, 2019(Friday) : Class VII pass-out
6th April 2019(Saturday) : Class VIII pass-out
7th April 2019(Sunday) : Class IX pass-out

ଶ୍ରଦ୍ଧେୟ ______

ଅତ୍ୟନ୍ତ ଖୁସିର ସହିତ ତୁମକୁ ଜଣାଉଛୁ ଯେ ତୁମେ ଗତ ଫେବୃଆରୀ ୩ ତାରିଖରେ ହୋଇଥିବା ରାଜ୍ୟ ବ୍ୟାପି ୟୁରାନିୟମ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା(ୟୁ.ଟି.ଏସ୍.ଇ)-୨୦୧୯ ର **ପ୍ରଥମ ୮୦+** ଜଣ କୃତୀ ଛାତ୍ରଛାତ୍ରୀ ମଧ୍ୟରେ ସ୍ଥାନ ଅଧିକାର କରିଅଛ । ସେଥିପାଇଁ ତୁମକୁ ଉପରୋକ୍ତ ତାରିଖରେ **ୟୁରାନିୟମ୍ ସେଣ୍ଟର, ଫ୍ରେଣ୍ଡସ୍ କଲୋନୀ, କଟକ**ରେ ଅନୁଷ୍ଠିତ ହେବାକୁ ଥିବା ଏହାର ଶେଷ ପର୍ଯ୍ୟାୟ ପରୀକ୍ଷା ଏବଂ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବାପାଇଁ ଏହି ଚିଠି ମାଧ୍ୟମରେ ଆମନ୍ତ୍ରଣ କରାଯାଉଛି ।

**<u>Tie Breaking</u>**: ଶେଷ ପର୍ଯ୍ୟାୟ ପରୀକ୍ଷାରେ ଏକାଧିକ ପିଲାଙ୍କର ସମାନ ମାର୍କ ରହିଲେ, ପ୍ରଥମ ପର୍ଯ୍ୟାୟ ପରୀକ୍ଷାର ମାର୍କ ଅନୁଯାଇ ଟାଇ ବ୍ରେକ୍ କରାଯିବ ।

**<u>ଶେଷ ପର୍ଯ୍ୟାୟ ପରୀକ୍ଷାରେ କେଉଁ ବିଷୟରୁ ପ୍ରଶ୍ନ ପଡ଼ିବ ?</u>** । ଯେଉଁ ଶ୍ରେଣୀରେ ତୁମେ ୟୁ.ଟି.ଏସ.ଇ ପରୀକ୍ଷା ଦେଇଥିଲ ସେହି ଶ୍ରେଣୀର ବିଜ୍ଞାନ ବହିର ସମସ୍ତ ବିଷୟରୁ ୩୦ଟି MCQ ପ୍ରଶ୍ନ ପଡ଼ିବ । ଭୌତିକ ବିଜ୍ଞାନ ବିଷୟରୁ ଅଧିକ ପ୍ରଶ୍ନ ପଡ଼ିବ ।

ଶେଷ ପର୍ଯ୍ୟାୟ ପରୀକ୍ଷା ଦିନ ୧୧.୦୦ ମିନିଟରୁ ଆରମ୍ଭ ହୋଇ ୧୧.୪୦ ଟାରେ ଶେଷ (୪୦ ମିନିଟ୍ ଅବଧି) ହେବ । ଏହାର ଫଳାଫଳ ସେହି ଦିନ ୧୨.୩୦ ମିନିଟ୍‌ରେ ବିତରଣୀ ଉତ୍ସବରେ ଘୋଷିତ ହେବ । ସେହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ ୨୦ ଜଣଙ୍କୁ ସେହିଦିନ ଯଥାକ୍ରମେ **<u>୫ ଏପ୍ରିଲ୍ (ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ) , ୬ ଏପ୍ରିଲ(ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ) ଏବଂ ୭ ଏପ୍ରିଲ୍ (ନବମ ଶ୍ରେଣୀ ଉତ୍ତୀର୍ଣ୍ଣ)</u>** ୧୨.୩୦ ମିନିଟରେ ରେ ହେବାକୁ ଥିବା ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ କରାଯିବ । ଏଥିରେ ସ୍ଥାନ ପାଇଥିବା ପ୍ରଥମ ୨୦ ଜଣ ପିଲାଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯିବ । ଟ୍ରଫି ସହିତ ପ୍ରଥମ ୩ ଜଣଙ୍କୁ ନଗଦ ଅର୍ଥ (**୭ମ ଶ୍ରେଣୀ**<u> : ୧ମ - ୩୦୦୦/-, ୨ୟ- ୨୦୦୦/ ,୩ୟ - ୧୦୦୦/-</u>ଟଙ୍କା, **<u>୮ମ ଓ ୯ମ ଉତ୍ତୀର୍ଣ୍ଣ ପିଲା</u>**: <u>୧ମ: **୪୦୦୦/-**, ୨ୟ: **୩୦୦୦/-**, ୩ୟ: **୨୦୦୦/-**ଟଙ୍କା</u> ପ୍ରଦାନ କରାଯିବ ଏବଂ ୪ର୍ଥରୁ ୨୦ତମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ କେବଳ ଟ୍ରଫି ଏବଂ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ଶେଷ ପର୍ଯ୍ୟାୟରେ ଭାଗ ନେଇଥିବା ଏବଂ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସେହି ଉତ୍ସବରେ ସ୍ୱତନ୍ତ୍ର ମେରିଟ ସାର୍ଟିଫିକେଟ୍ (ର୍‍ୟାଙ୍କ ସହିତ) ପ୍ରଦାନ କରାଯିବ । ଅର୍ଥ ପୁରସ୍କାର ଗୋଟିଏ ସ୍କୁଲରୁ ଗୋଟିଏ ପିଲାକୁ ମିଳିବ । ପୁରସ୍କାର ବିତରଣୀ ଉତ୍ସବ ୧୨.୩୦ରେ ଆରମ୍ଭ ହୋଇ ଅପରାହ୍ନ ୧.୩୦ରେ ସମାପନ ହେବାର କାର୍ଯ୍ୟକ୍ରମ ରହିଛି । ୯ମ ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରଥମ ପିଲାକୁ ରାଜ୍ୟପାଳଙ୍କ ରନିଂ କପ ମଧ୍ୟ ପ୍ରଦାନ କରାଯିବ ।୭ମ ଓ ୮ମ ର କୃତି ପିଲାଙ୍କୁ ଗ୍ରୀଷ୍ମ ଛୁଟିରେ ହେବାକୁ ଥିବା ବିଜ୍ଞାନ ଶିବିରକୁ ମଧ୍ୟ ଆମନ୍ତ୍ରଣ କରାଯିବ ।

ଏପ୍ରିଲ୍ ୫ ତାରିଖ(ସପ୍ତମ ଉତ୍ତୀର୍ଣ୍ଣ ପିଲା), ୬ ତାରିଖ(ଅଷ୍ଟମ ଉତ୍ତୀର୍ଣ୍ଣ ପିଲା) , ୭ ତାରିଖ(ନବମ ଉତ୍ତୀର୍ଣ୍ଣ ପିଲା) ସକାଳ ୧୦.୦୦ ସୁଦ୍ଧା ୟୁରାନିୟମ ସେଣ୍ଟରରେ ପିଲାଙ୍କୁ ପହଞ୍ଚିବାକୁ ହେବ । ଯେଉଁମାନେ ରାତି ଗାଡ଼ିରେ ସକାଳୁ ପହଞ୍ଚିବେ ସେମାନଙ୍କୁ ଶୌଚ ଆଦି ନିତ୍ୟକର୍ମ କରିବାର ସୁବିଧା ଆମ ସେଣ୍ଟରରେ ଯୋଗାଇଦିଆଯିବ ।

**ପିଲା ସାଙ୍ଗରେ କଣ ଆଣିବେ** ? ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ମିଳିଥିବା <u>ଆଡ୍‌ମିଟ୍ କାର୍ଡ଼ ସହିତ ବଲ ପଏଣ୍ଟ ପେନ୍, ଏଚ୍. ବି ପେନସିଲ, ପେନସିଲ କଟର, ପିଚ୍ ବୋର୍ଡ଼(ପ୍ଲାଷ୍ଟିକ କିମ୍ବା କାଠ ବୋର୍ଡ଼), ଭଲ ମାନର ରବର, ଏହି କଲ୍ ଲେଟର ଏବଂ</u> <u>ପ୍ଲାଷ୍ଟିକ ପାଣି</u>

ବୋତଲ ସାଙ୍ଗରେ ନେଇ ଆସିବା ଆବଶ୍ୟକ । କଲ୍ ଲେଟର ନପାଇଲେ, ଏହି କଲ ଲେଟର୍‌କୁ ଆମ ୱେବ୍‌ସାଇଟ୍‌ରୁ ଡ଼ାଉନ୍‌ଲୋଡ୍ କରି ତାହାର ପ୍ରିଣ୍ଟ-ଆଉଟ ନେଇ ସେଥିରେ ନିଜର ନାମ, ରୋଲ ନମ୍ବର ଓ କ୍ଲାସ୍(ଯେଉଁ କ୍ଲାସରେ ପରୀକ୍ଷା ଦେଇଥିଲ) ଲେଖି ନେଇ ଆସିବାକୁ ହେବ କାରଣ କଲ୍ ଲେଟର ଡ଼ାକରେ ଦ୍ୱିତୀୟ ଥର ପଠାହେବ ନାହିଁ । ଆଡ଼ମିଟ କାର୍ଡ଼ ହଜି ଯାଇଥିଲେ, ତୁମ ରୋଲ ନମ୍ବର ଆମ ସେଣ୍ଟରରୁ ପାଇପାରିବ । ପିଲାମାନେ ନିଜ ସ୍କୁଲର ୟୁନିଫର୍ମ ପିନ୍ଧି ଆସିବା ଆବଶ୍ୟକ ।

**ରେଜିଷ୍ଟ୍ରସନ୍ :** **ଏହି ଶିବିରରେ ଯୋଗ ଦେବାକୁ ପିଲାଙ୍କୁ କୌଣସି ରେଜିଷ୍ଟ୍ରେସନ ଫିସ୍ ପଡ଼ିବ ନାହିଁ**

ପିଲା ନିଜର ଅଭିଭାବକ ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ବାଧ୍ୟତାମୂଳକ । ଅଭିଭାବକମାନଙ୍କର ଆମ ସେଣ୍ଟରରେ ଅପେକ୍ଷା କରିବା ପାଇଁ ବ୍ୟବସ୍ଥା କରାଯିବ । ପିଲା ଓ ତାଙ୍କ ଅଭିଭାବକଙ୍କ ସୁବିଧା ପାଇଁ ଆମ ସେଣ୍ଟରରେ ସକାଳ ଜଳଖିଆ ଓ ଦ୍ୱିପହର ଭୋଜନ ବ୍ୟବସ୍ଥା କରାଯିବ । ସେଥିପାଇଁ ଜଣ ପିଛା ୧୦୦ଟଙ୍କା(ଜଣେ ପିଲା ଓ ତାର ଅଭିଭାବକଙ୍କ ପାଇଁ ମୋଟ ୨୦୦ ଟଙ୍କା) ରେଜିଷ୍ଟ୍ରେସନ ସମୟରେ ପଇଠ କରିବାକୁ ହେବ । ସେ କ୍ଷେତ୍ରରେ ଅଭିଭାବକ ଆଗରୁ ଆମକୁ ଜଣାଇବାକୁ ହେବ । ଦ୍ୱିପହର ଭୋଜନ ଆମ ସେଣ୍ଟରରେ କରିବା ବାଧ୍ୟତାମୂଳକ ନୁହେଁ ।

**ଗସ୍ତ ଖର୍ଚ୍ଚ :** କେବଳ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲା(ବି.ପି.ଏଲ)ଙ୍କୁ ଗସ୍ତ ଖର୍ଚ୍ଚ ମିଳିବ ଯଦି ସେମାନେ ଏହି ଶେଷ ପର୍ଯ୍ୟାୟ ପରୀକ୍ଷାରେ ପ୍ରଥମ ୨୦ ଜଣଙ୍କ ମଧ୍ୟରେ ରହିବେ ।

**ପୁସ୍ତକ ମେଳା :** ରସାୟନ ବିଜ୍ଞାନରେ ଓଡ଼ିଆ ଭାଷାରେ ଲିଖିତ କେତୋଟି ବହି ପ୍ରଦର୍ଶିତ ହେବ ।

**ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗଦେବା ପାଇଁ ସମ୍ମତି :**

ଶେଷ ପର୍ଯ୍ୟାୟ ୟୁ.ଟି.ଏସ୍.ଇ ପରୀକ୍ଷା ଓ ପୁରସ୍କାର ବିତରଣୀ ଉତ୍ସବରେ ଯୋଗ ଦେବା ପାଇଁ ମନୋନିତ ପିଲାଙ୍କ ଅଭିଭାବକ ଆମ ଅଫିସକୁ ତାଙ୍କର ସମ୍ମତି ୨୩.୩. ୨୦୧୯ ସୁଦ୍ଧା କେବଳ **SMS** କିମ୍ବା ଇମେଲ୍ ଜରିଆରେ ଜଣାଇବେ । SMS/EMAIL ରେ ଲେଖିବେ : " ___ (Roll No); ___ (name); ___ (class) participating Final Test" । ଦ୍ୱିପହର ଭୋଜନ ଏଠାରେ ନେବାର ଥିଲେ, ଆହୁରି ଲେଖିବେ " ___ persons( 1 or 2) will take the lunch at your centre" । ସମ୍ମତି ନଜଣାଇବା ପିଲାଙ୍କୁ ଏଥିରେ ଭାଗ ନେବାକୁ ଅନୁମତି ମିଳିବ ନାହିଁ । ଏଥିରେ ଯୋଗ ନଦେଲେ, ପୁରସ୍କାର ଏବଂ ସ୍ୱତନ୍ତ୍ର ମାନପତ୍ର ପାଇବାରୁ ବଞ୍ଚିତ ହେବେ । କେବଳ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ୨୦୧୯ ସେପ୍‌ଟେମ୍ବର ମାସ ସୁଦ୍ଧା ଏକ ମେରିଟ ସାର୍ଟିଫିକେଟ, ଅନ୍ୟ ଯୋଗ୍ୟ ବିବେଚିତ ପିଲାଙ୍କ ଭଳି ସେମାନେ ସ୍କୁଲରୁ ପାଇବେ ।

**ଆମ ଠିକଣା :** Dr. S. S. Tripathy, President, UTSE Board, *The Uranium*, Friends Colony, P.O: Buxi Bazar, Cuttack-753001

**ଫୋନ ନମ୍ବର :** 8018346909 / 9437226340 / 0671-2427385

Email: theuraniumodisha@gmail.com

ତୁମର କୃତିତ୍ୱ ପାଇଁ ପୁଣି ଥରେ ତୁମକୁ ହାର୍ଦ୍ଦିକ ଶୁଭକାମନା (congratulations) ଜଣାଇ ଏବଂ ଶେଷ ପର୍ଯ୍ୟାୟ ପରୀକ୍ଷାରେ ଯୋଗ ଦେବା ଆଶା ରଖି, ଏ ଚିଠିଟି ଶେଷ କରୁଛି ।

**Program :**
**Registration : 9.00 - 10.00 AM**
**Final Level Test : 11.00 am - 11.40 noon**
**Prize Giving Ceremony: 12.30 pm - 1.30 pm**
**Lunch : 2.00 pm**

ଇତି

ତୁମର ବିଶ୍ୱସ୍ତ

(S.S. Tripathy)

**(ବିଶେଷ ସୂଚନା: ଏହି ଆମନ୍ତ୍ରଣ ପତ୍ରକୁ ସାଙ୍ଗରେ ଧରି ଆସିବା ଆବଶ୍ୟକ**

**ୟୁରାନିୟମ ଟ୍ରେନିଂ ସେଣ୍ଟରର ସଠିକ ଠିକଣା : ବାଦାମବାଡ଼ି ବସ ଷ୍ଟାଣ୍ଡରୁ ରାଣିହାଟ ଯିବା ରାସ୍ତାରେ ବଜ୍ରକବାଟୀ ପୋଲ ପଡ଼ିବ । ଏହି ପୋଲକୁ ଅତିକ୍ରମ କରିବାର ଠିକ୍ ପରେ ବାମ ହାତି ନାଳ କଡ଼ରେ ଯାଉଥିବା ରାସ୍ତା(କେନାଲ ରୋଡ଼)ରେ ପ୍ରାୟ ୧୫୦ ମିଟର ଗଲେ ଡ଼ାହାଣ ପଟେ ଏକ ଶିବ ମନ୍ଦିର ପଡ଼ିବ । ମନ୍ଦିରକୁ ଲାଗିଥିବା ଡ଼ାହାଣପଟ ରାସ୍ତାରେ ଯିବ(ସିଧା ରାସ୍ତାକୁ ଛାଡ଼ିବ) । ଏହି ରାସ୍ତାକୁ ଫ୍ରେଣ୍ଡସ୍ କଲୋନୀ କୁହାଯାଏ । ଏହି ରାସ୍ତାରେ ଗଲେ ୩ୟ ଡ଼ାହାଣ ପଟ ଗଳିର ୩ୟ ଘରଟି ୟୁରାନିୟମ ଟ୍ରେନିଂ ସେଣ୍ଟର । ସେହି ଗଳିର ସାମ୍ନାରେ 'ଦି ୟୁରାନିୟମ' ର ଏବଂ** Dr. S.S. Tripathy **ସାଇନ ବୋର୍ଡ଼ ଦେଖିପାରିବେ । ଏହି ଗଳିଟି ଶ୍ୱେତା ହସପିଟାଲକୁ ଲାଗିକରି ଅବସ୍ଥିତ । ଯେଉଁମାନେ ରାଣୀହାଟ ପଟୁ ଆସିବେ, ସେମାନେ ବଜ୍ରକବାଟି ପୋଲକୁ ଲାଗି(ପୋଲ ପୂର୍ବରୁ) ଡ଼ାହାଣ ହାତି ରାସ୍ତାରେ ଗଲେ ଶିବ ମନ୍ଦିର ପଡ଼ିବ ।**